## ସଂକ୍ଷେପରେ

### ସଚେତନତା ବାର୍ତ୍ତା ବାଣ୍ଟୁଛି କୃଷିରଥ

ଗୋବିନ୍ଦପାଲି,୨୬।୩(ଡି.ଏନ.ଏ.)- କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସରକାରଙ୍କ କୃଷି ଯୋଜନାଗୁଡିକୁ ଲୋକଙ୍କ ନିକଟରେ ପହଞ୍ଚେଇବା ପାଇଁ ଏକ ସଚେତନତା ରଥ ମାଲକାନଗିରି ଜିଲାରେ ପରିକ୍ରମା କରୁଛି। ଶୁକ୍ରବାର ଏହି ରଥ ଗୋବିନ୍ଦପାଲି, ମାଡ଼କାପଦର,ବଡଡୁରାଲ ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଚାଷୀଙ୍କୁ ସଚେତନତାର ବାର୍ତ୍ତା ବାଣ୍ଟିଥିଲା। ବଳରାମ ଯୋଜନା,ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୃତ୍ତିକା ପରୀକ୍ଷା,ବିହନ ବିଶୋଧନ, କମ୍ ସୁଧରେ ଋଣ ଯୋଜନା,ଉତ୍ପାଦିତ ଶସ୍ୟର ପ୍ରକ୍ରିୟାକରଣ, ଉଚିତ ମୂଲ୍ୟରେ ବିକ୍ରି ନେଇ ଗୀତ ଓ କାହାଣୀ ମାଧମରେ ଚାଷୀଙ୍କୁ ଅବଗତ କରାଯାଇଥିଲା। କୃଷି ସମ୍ପ୍ରସାରଣ ଅଧିକାରୀ କିଶୋର ଚନ୍ଦ୍ର ଦ୍ୱିବେଦୀ,ଗ୍ରାମ କୃଷି ସେବକ ଭାସ୍କର ଚନ୍ଦ୍ର ଶବର,ଆତ୍ମାର ସୁନୀଲ ପଟ୍ଟନାୟକ,ସୌମ୍ୟ ପଟ୍ଟନାୟକ ପ୍ରମୁଖ ଗ୍ରାମକୁ ଗ୍ରାମ ବୁଲି ଚାଷୀଙ୍କୁ ସଚେତନ କରୁଛନ୍ତି।

### ବୌଦ୍ଧ ଜିଲା ପ୍ରାଣୀ ଚିକିତ୍ସକଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ

#### ପ୍ରତୀକାତ୍ମକ ଆନ୍ଦୋଳନ କଲେ ଚିକିତ୍ସକ

ସେମିଲିଗୁଡା,୨୬।୩(ସ୍ୱ.ପ୍ର.)-ବୌଦ୍ଧ ଜିଲାର ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ସ୍ଥାନୀୟ ଲୋକଙ୍କ ଆକ୍ରମଣ ଘଟଣାକୁ ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ କୋରାପୁଟ ଶାଖା ନିନ୍ଦା କରିଛି। ଏହି ଅବସରରେ ଜିଲାର ସମସ୍ତ ପ୍ରାଣୀ ଚିକିତ୍ସକ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ରମାକାନ୍ତ ମହାପାତ୍ରଙ୍କ କାର୍ଯ୍ୟାଳୟରେ ଏକାଠି ହୋଇ ଶୋଭାଯାତ୍ରା କରି ପ୍ରତୀକାତ୍ମକ ଆନ୍ଦୋଳନ କରିଛନ୍ତି। ବିଭିନ୍ନ ଦାବିନେଇ ଜିଲା ସଂଘର ସାଧାରଣ ସମ୍ପାଦକ ଡା.ଅରବିନ୍ଦ କୁମାର ସେଠୀ, ଜିଲା ପ୍ରତିନିଧି ଡା. ସେବାଶିଷ କରଙ୍କ ସମେତ ଅନ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ କରିଥିଲେ। ବାରମ୍ବାର ପ୍ରାଣୀ ଚିକିତ୍ସକମାନଙ୍କ ଉପରେ ଆକ୍ରମଣ ହେଉଛି। ସରକାର ଏଥିପ୍ରତି କୌଣସି ଗୁରୁତ୍ୱ ଦେଉ ନ ଥିବା ସେମାନେ ଅଭିଯୋଗ କରିଥିଲେ। ପରିବାର ଛାଡି ଦୁର୍ଗମ ଅଞ୍ଚଳରେ ସେମାନେ ପ୍ରାଣୀ ଚିକିତ୍ସା କରୁଥିବାରୁ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସଂଘ ଦାବି କରଛି। ଏହି ସମୟରେ ସେମାନେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ କର୍ମଚାରୀ ଅଭାବ, ଭିତ୍ତିଭୂମି ଅଭାବ ନେଇ ଜିଲାପାଳଙ୍କୁ ଅବଗତ କରାଇଥିଲେ।

### ଜଳିଗଲା ଦୁଇ ବଖରା

ପାପଡ଼ାହାଣ୍ଡି,୨୬।୩(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମାନିଗା ପଞ୍ଚାୟତ ଅଧୀନ ବାନୁଆଗୁଡ଼ା ଗ୍ରାମର ଗୋବିନ୍ଦ ଗୌଡ଼ଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ନିଆଁ ଲାଗି ଦୁଇ ବଖରା ଜଳି ଯାଇଛି। ଘର ଭିତରେ ଥିବା ୧୦ କୁଇଣ୍ଟାଲ ଧାନ, ବାସନ, ୫ ହଜାର ଟଙ୍କା, ଆସବାବ ପତ୍ର ପୋଡ଼ିଯାଇଥିଲା। ସୂଚନା ଅନୁଯାୟୀ ଗୁରୁବାର ରାତିରେ ଗୋବିନ୍ଦଙ୍କ ପରିବାର ଲୋକେ ଖାଇ ସାରିବା ପରେ ଘର ବାରଣ୍ଡାରେ ଶୋଇଥିଲେ। ତେବେ ବିଳମ୍ବିତ ରାତିରେ କୌଣସି କାରଣରୁ ଘରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ଜାଣିପାରି ଗୋବିନ୍ଦ ପାଟି କରି ସାହି ପଡ଼ିଶା ଲୋକଙ୍କୁ ଡାକିଥିଲେ। ସମସ୍ତେ ମିଶି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିବା ସହ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଦମକଳ ଗାଡ଼ି ସେଠାରେ ପହଞ୍ଚି ନିଆଁ ଲିଭାଇଥିଲେ।

### ବିଜେଡିରେ ମିଶିଲେ ୨୫୦ ଯୁବକ, ଛାତ୍ର



ଉମରକୋଟ, ୨୬।୩(ସ୍ୱ.ପ୍ର.) - ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ବାସଭବନରେ ଜିଲା ଛାତ୍ର ବିଜେଡି ସଭାପତି ସୁଧାଂଶୁ ଦାସଙ୍କ ନେତୃତ୍ୱରେ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉମରକୋଟ ପୌର ପରିଷଦର ପ୍ରାୟ ୨୫୦ ଯୁବକ ଓ ଛାତ୍ର ବିଜେଡିରେ ସାମିଲ ହୋଇଥିଲେ। ଉମରକୋଟ ସହର ସମେତ ଜିଲା ବିକାଶ ପାଇଁ କାମ କରିବାକୁ ସେମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ପୂର୍ବତନ ନଗରପାଳ ଝାଡ଼େଶ୍ୱର ମହାନ୍ତି, ଜିଲା ସଂଯୋଜକ ପ୍ରମୋଦ ପାଢ଼ୀ, ଦଳର ବରଷ୍ଠ ନେତା କାଲୁ ପଣ୍ଡା, ନଗର ସଭାପତି କୈଳାସ ନାୟକ, ଯୁବ ସଭାପତି ବିକି ନାୟକ, ଜିଲା ଛାତ୍ର ଉପସଭାପତି ହିମାଂଶୁ ଜେନାଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ।

# ସଂରକ୍ଷଣ, ସୁବିଧା ନ ଦେଲେ ଆନ୍ଦୋଳନ ହେବ

### ଏସ୍‌ସି ଜିଲା ଯୁବ ସଂଘର ଖବରଦାତା ସମ୍ମିଳନୀ

ନବରଙ୍ଗପୁର,୨୬।୩(ବି.ପ୍ର.)

ନବରଙ୍ଗପୁର ଜିଲା ଅନୁସୂଚିତ ଜାତି (ଏସ୍‌ସି) ଯୁବସଂଘ ପକ୍ଷରୁ ଶୁକ୍ରବାର ସଂରକ୍ଷଣ ଏବଂ ବିଭିନ୍ନ ଦାବିନେଇ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ପିଡବ୍ଲ୍ୟୁଡି ଆଇବିଠାରେ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲା ଅନୁସୂଚିତ ଜାତି (ଏସ୍‌ସି)ଯୁବ ସଂଘ ସଭାପତି ରାଜେନ୍ଦ୍ର କୁମାର ଭକ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ୫ ଦଫା ଦାବି ସମ୍ପର୍କରେ ଗଣମାଧ୍ୟମ ଜରିଆରେ ଉପସ୍ଥାପନ କରାଯାଇଥିଲା।

ଜିଲାରେ ୩୩ ଭାଗ ଲୋକ ଅନୁସୂଚିତ ଜାତି ସମ୍ପ୍ରଦାୟର। ଏମାନେ କିନ୍ତୁ ଏବେ ପର୍ଯ୍ୟନ୍ତ ଶିକ୍ଷା, ରାଜନୀତି, ସରକାରୀ ଚାକିରି କ୍ଷେତ୍ରରେ ସୁବିଧା ସୁଯୋଗ ନ ପାଇ ଅବହେଳିତ ହୋଇ ଅଛନ୍ତି। ଅନୁସୂଚିତ ଜାତି ପିଲାଙ୍କ ପାଠପଢ଼ା ପାଇଁ ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟ ନାହିଁ। ଏସ୍‌ସି ଏବଂ ଏସ୍‌ଟି ମଙ୍ଗଳ ବିଭାଗ ବିଦ୍ୟାଳୟରେ ଅନୁସୂଚିତ ଜାତି ପିଲାଙ୍କ ପାଇଁ ମାତ୍ର ୧୦% ସିଟ୍ ସଂରକ୍ଷଣ ରହୁଛି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଅନୁସୂଚିତ ଜାତି ପିଲାଙ୍କ ପାଇଁ ଜିଲାରେ ୫ଟି ସ୍ୱତନ୍ତ୍ର ଉଚ୍ଚ ମାଧ୍ୟମିକ ଆବାସିକ ବିଦ୍ୟାଳୟ ଖୋଲିବାକୁ ଦାବି ହୋଇଛି। ସରକାର ଜିଲାଭିତ୍ତିକ ନିଯୁକ୍ତି ବନ୍ଦକରି ରାଜ୍ୟଭିତ୍ତିକ ନିଯୁକ୍ତି ନିୟମ ଲାଗୁ କରିବାରୁ ଏସ୍‌ସି ବର୍ଗର ଶିକ୍ଷିତ ପିଲା ନିଜ ଜିଲାରେ ଚାକିରି ପାଉନାହାନ୍ତି। ବାଧ୍ୟ ହୋଇ ଜୀବିକା ନିର୍ବାହ ପାଇଁ ଦାଦନ ଖଟୁଛନ୍ତି। ଜିଲା ଭିତ୍ତିକ ନିଯୁକ୍ତି ଦିଆଯାଉ ବୋଲି ସେମାନେ ଦାବି କରିଛନ୍ତି। ରାଜନୈତିକ ଅନୁପାତରେ ଜିଲାରେ ୧୦ଟି ପଞ୍ଚାୟତ ସମିତି, ୧୮୯ ଗ୍ରାମପଞ୍ଚାୟତ, ୧୦ ସମବାୟ ଲ୍ୟାମ୍ପସ, ୪ଟି ବିଧାନସଭା ସିଟ୍ ଅଛି। କିନ୍ତୁ ସମସ୍ତ ସିଟ୍ ଆଦିବାସୀମାନଙ୍କ ପାଇଁ ସଂରକ୍ଷିତ। ଏସ୍‌ସିମାନଙ୍କ ପାଇଁ ଗୋଟିଏ ବି ସିଟ୍ ସଂରକ୍ଷିତ ନୁହେଁ। ତେଣୁ ଲୋକସଂଖ୍ୟା ଅନୁପାତରେ ଅନୁସୂଚିତ ବର୍ଗର ବ୍ୟକ୍ତିଙ୍କ ପାଇଁ ମଧ୍ୟ ସିଟ୍ ସଂରକ୍ଷଣ ରଖାଯାଉ ଓ ସୁଯୋଗ ଦିଆଯାଉ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସେମାନେ ଘରଡିହ ଓ ଜଙ୍ଗଲ ଜମି ପଟ୍ଟା ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଆଦିବାସୀମାନେ ୨୫ବର୍ଷ ଚାଷକଲେ ଜଙ୍ଗଲଜମି ପଟ୍ଟା ପାଉଥିବାବେଳେ ଅନୁସୂଚିତ ଜାତି ବର୍ଗର ଲୋକେ ୭୫ବର୍ଷ ଚାଷକଲେ ଜଙ୍ଗଲ ଜମି ପଟ୍ଟା ପାଇପାରିବେ। ଏହି ଆଇନକୁ କୋହଳ କରାଯାଉ ବୋଲି କୁହାଯାଇଛି। ବାରମ୍ବାର ଦାବି ହେଉଥିଲେ ମଧ୍ୟ ପ୍ରଶାସନ କୌଣସି ପଦକ୍ଷେପ ନେଉନାହାନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଖବରଦାତା ସମ୍ମିଳନୀରେ ଅନୁସୂଚିତ ଜାତି ଜିଲା ଯୁବ ସଂଘ ସାଧାରଣ ସମ୍ପାଦକ ଭଗବାନ ବୈରାଗୀ, ଜିଲା ଆବାହକ ଭୀମ ହରିଜନ, ଉପଦେଷ୍ଟା ଜଗନ୍ନାଥ ବାଘେ, ପ୍ରକାଶ ନାଗ, ସହସମ୍ପାଦକ ଧନଞ୍ଜୟ ନାଗ ଏବଂ ସଦସ୍ୟ ଦୋସା ମାଝି ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂଘ ସଦସ୍ୟମାନେ ।

# କୃଷକଙ୍କ ସପକ୍ଷରେ ନବରଙ୍ଗପୁର ବନ୍ଦ



ଭାରତ ବନ୍ଦ ଯୋଗୁ ନବରଙ୍ଗପୁରରେ ଦୋକାନ ବଜାର ଖୋଲାଯାଇ ନାହିଁ।

ନବରଙ୍ଗପୁର,୨୬।୩ (ବି.ପ୍ର.)

ଭାରତ ସରକାରଙ୍କ ନୂତନ କୃଷି ଆଇନ ବିରୋଧରେ କରାଯାଇଥିବା ଭାରତ ବନ୍ଦର ପ୍ରଭାବ ନବରଙ୍ଗପୁରରେ ଆଂଶିକ ପଡିଛି। ଜିଲା କଂଗ୍ରେସ ଓ ବିଭିନ୍ନ କୃଷକ ସଙ୍ଗଠନ ବନ୍ଦ ଡାକରାକୁ ସମର୍ଥନ ଜଣାଇ ଏଥିରେ ସାମିଲ ହୋଇଥିଲେ। ଶିକ୍ଷାନୁଷ୍ଠାନ ସବୁ ବନ୍ଦ ଥିଲା। କାଁ ଭାଁ ବାଇକ୍ ଚାଲିଥିବା ବେଳେ ଟ୍ରକ୍ ବସ୍ ଆଦି ଚଳାଚଳ ବନ୍ଦ ଥିଲା। ଉମରକୋଟ, ରାଇଘର, ଡାବୁଗାଁ, କୋଷାଗୁମୁଡ଼ା ଆଦି ଅଞ୍ଚଳରେ କୌଣସି ପ୍ରଭାବ ପଡି ନଥିଲା ନବରଙ୍ଗପୁର ସହରର ସମସ୍ତ ଦୋକାନ ବଜାର ବନ୍ଦ ଥିଲା। ଆଜିର ଏହି ବନ୍ଦ ଡାକରାରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଲାଲୁ ତ୍ରିପାଠୀ, ଦିଲୀପ ବେହେରା, ପରୀ ସାହୁ, କୁନା ପାଢ଼ୀ, ପ୍ରଣତି ତ୍ରିପାଠୀ, ଅବଦୁଲ ଫିରୋଜଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ସେହିଭଳି ଦିବାକର ପୂଜାରୀ, ଚନ୍ଦ୍ରଧ୍ୱଜ ମାଝି, ଭଗବାନ ବୈରାଗୀ, କମୁଲୁ ହରିଜନ, ଲକ୍ଷ୍ମଣ ଭତ୍ରା, ବହୁଜନ କ୍ରାନ୍ତି ମୋର୍ଚ୍ଚା ଜିଲା ସଂଯୋଜକ ନରହରି ନାୟକଙ୍କ ସମେତ ସମସ୍ତ ୧୦ ବ୍ଲକର ସଭାପତି ବନ୍ଦ ଡାକରାରେ ସାମିଲ ହୋଇଥିଲେ। ନବରଙ୍ଗପୁରରେ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ସଫଳ ହୋଇଥିଲା।

# ଧାରଣା, ରାସ୍ତା ଅବରୋଧକରି ପ୍ରତିବାଦ ଜଣାଇଲେ ଚାଷୀ

କୋରାପୁଟ/ଜୟପୁର/ସେମିଳିଗୁଡ଼ା/ବୈପାରିଗୁଡ଼ା, ୨୬।୪(ନି.ପ୍ର./ସ୍ୱ.ପ୍ର./ଡି.ଏନ୍.ଏ.)

କେନ୍ଦ୍ରର କୃଷି ବିଲକୁ ବିରୋଧ କରି ଶୁକ୍ରବାର ହୋଇଥିବା ୧୨ ଘଣ୍ଟିଆ ବନ୍ଦ ଡାକରାର ପ୍ରଭାବ କୋରାପୁଟରେ ଆଂଶିକ ପ୍ରଭାବଦେଖିବାକୁ ମିଳିଛି। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଆଗୁଆ ରାଜ୍ୟର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଶୁକ୍ରବାର ବନ୍ଦ ଘୋଷଣା କରାଯାଇଥିଲା। ତେବେ ବନ୍ଦ ପାଇଁ ଜିଲାର ସମସ୍ତ ଘରୋଇ ବସ ଚଳାଚଳ ବନ୍ଦ ରହିଥିଲା। ସହରର ସମସ୍ତ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲା ଥିବା ଦେଖାଯାଇଥିଲା । କୋରାପୁଟ ଜିଲା କଂଗ୍ରେସ ପକ୍ଷରୁ ସ୍ଥାନୀୟ ଟ୍ରାଫିକ ଛକଠାରେ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ବାବୁଲା ବେନିଆ, ନମିତା ମାଝି, କୃଷ୍ଣ କୁଲଦୀପଙ୍କ ସମେତ ବହୁ କଂଗ୍ରେସ କର୍ମକର୍ତ୍ତାମାନେ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ କୃଷି ବିଲକୁ ବିରୋଧ କରିଥିଲେ।

୩ ନୂଆ କୃଷି ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ସଙ୍ଗଠନ ତରଫରୁ ଭାରତ ବନ୍ଦ ଡାକରାର ପ୍ରଭାବ ଜୟପୁରରେ ଦେଖିବାକୁ ମିଳିଛି । ୨୬ନଂ. ଜାତୀୟ ରାଜପଥର ମୁଖ୍ୟ ଟ୍ରାଫିକ ଛକ ନିକଟରେ ଚାଷୀମାନେ ରାସ୍ତା ଅବରୋଧକରି ବ୍ୟାନର, ପୋଷ୍ଟର ଧରି ଧାରଣାରେ ବସିଥିଲେ । କୋରାପୁଟ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ କର୍ମକର୍ତ୍ତା ଓ ଚାଷୀ ଦେଇଥିବା ଧାରଣାକୁ ସଂଯୁକ୍ତ କିଷାନ ମୋର୍ଚ୍ଚାର କୋରାପୁଟ ଜିଲା ଶାଖା, ବ୍ୟବସାୟୀ, ଶ୍ରମିକ ସଂଗଠନ, କୋରାପୁଟ ଜିଲା କଂଗ୍ରେସ ଓ କୋରାପୁଟ ଜିଲା ସିପିଆଇ ସମର୍ଥନ କରିଥିଲେ। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା। ଦୋକାନ ବଜାର ବନ୍ଦ ଥିଲା। ପରିସ୍ଥିତି ଉପରେ ନଜର ରଖିବାକୁ ପୋଲିସ ମୁତୟନ ହୋଇଥିଲେ। କୃଷକ କଲ୍ୟାଣ ମଞ୍ଚର ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ, ମନୋଜ ପାତ୍ର, ପ୍ରମୋଦ ମହାନ୍ତି, ଯଧିଷ୍ଠିର ରାଉଳଙ୍କ ସମେତ ଶତାଧିକ ଚାଷୀ, ଶ୍ରମିକ ସଙ୍ଗଠନର ସଦସ୍ୟମାନେ ଏଥିରେ ସାମିଲ ହୋଇଥିଲେ।

ସେମିଳିଗୁଡ଼ାରେ ସଂଯୁକ୍ତ ମୋର୍ଚ୍ଚାର ଭାରତ ବନ୍ଦ ଡାକରାର ପ୍ରଭାବ ଦେଖିବାକୁ ମିଳିଥିଲା। ଟ୍ରାଫିକ ଛକ ନିକଟରେ ମୋର୍ଚ୍ଚାର କର୍ମକର୍ତ୍ତାମାନେ ରଶି ଟାଣି ୨୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। କେନ୍ଦ୍ର ସରକାର ପ୍ରଣୀତ କୃଷି ଆଇନକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦାବିକରି ଚାଷୀମାନେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ତେବେ ଉଭୟ ସେମିଳିଗୁଡ଼ା ଓ ସୁନାବେଡ଼ାରେ ଦୋକାନ ବଜାର ଖୋଲା ରହିଥିଲା। ଅପରାହ୍ନ ୩ଟା ପରେ ଗାଡ଼ିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା।

ବୈପାରିଗୁଡ଼ାଠାରେ ମଧ୍ୟ କେନ୍ଦ୍ର ସରକାରଙ୍କ ନୂଆ କୃଷିନୀତିକୁ ବିରୋଧକରି କୃଷକ ଓ ଶ୍ରମିକମାନେ ପ୍ରତିବାଦ ଜଣାଇଥିଲେ। ଏନେଇ ଆୟୋଜିତ ସଭାରେ ଅଲ ଇଣ୍ଡିଆ ୟୁନାଇଟେଡ୍ ଟ୍ରେଡ୍ ୟୁନିୟନ ସେଣ୍ଟର,ଏଆଇୟୁଟିୟୁସି ଓ ଏଆଇକେକେ ଏମ୍‌ଏସ୍ ପକ୍ଷରୁ କୋରାପୁଟ ଜିଲା ସଭାପତି କାହ୍ନୁ ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ନେତାଜୀ ରାଜମିସ୍ତ୍ରି ସଂଘର ସୂର୍ଯ୍ୟନାରାୟଣ ବିଶୋୟୀ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀନେତା ରାମ ବାରିକ, ଶ୍ରମିକ ନେତା ଭଗବାନ ଖରା ,ଛାତ୍ରନେତା ପ୍ରମିଳା ପୂଜାରୀ, ଦଶରଥ ଖିଲ, ଦୁର୍ଯ୍ୟୋଧନ ଖରା ଓ ନବୀନା ବାରିକ ସରକାରଙ୍କ କୃଷିନୀତିକୁ ସମାଲୋଚନା କରିଥିଲେ।



କୋରାପୁଟରେ କଂଗ୍ରେସ ସମର୍ଥନରେ ବନ୍ଦ ପାଳନ କରାଯାଉଛି ।

### ଗୁଣପୁର ଷ୍ଟେଶନରେ ସଂରକ୍ଷଣ ଟିକେଟ ବ୍ୟବସ୍ଥା ଦାବି

ଗୁଣପୁର,୨୬।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ରେଳ ଷ୍ଟେଶନରେ ସଂରକ୍ଷଣ ଟିକେଟ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ୨୦୧୧ ଅଗଷ୍ଟ ୨୧ରୁ ଗୁଣପୁରରୁ ବିଭିନ୍ନ ସ୍ଥାନକୁ ୮ଟି ଟ୍ରେନ୍ ଚଳାଚଳ କରୁଛି। ହେଲେ ଗୁଣପୁର ଷ୍ଟେଶନରେ ସଂରକ୍ଷଣ ଟିକେଟ ବ୍ୟବସ୍ଥା ହୋଇପାରିନାହିଁ। ଫଳରେ ଯାତ୍ରୀମାନେ ଅଧିକ ଟଙ୍କା ଦେଇ ବାହାରୁ ସଂରକ୍ଷଣ ଟିକେଟ କିଣିବାକୁ ବାଧ୍ୟ ହେଉଛନ୍ତି। କରୋନା ପାଇଁ ଗୁଣପୁରଠାରୁ ଚାଲୁଥିବା ଟ୍ରେନ୍ ଗୁଡ଼ିକ ବନ୍ଦ ରହିଥିଲା। ଏପ୍ରିଲ ୭ରୁ ସ୍ୱତନ୍ତ୍ର ରେଳ ଚଳାଚଳ କରିବାକୁ ଯାଉଛି। ତେଣୁ ଏହା ପୂର୍ବରୁ ଟିକେଟ ସଂରକ୍ଷଣ ବ୍ୟବସ୍ଥା ହେଲେ ଯାତ୍ରୀ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି। ଦୀର୍ଘ ବର୍ଷ ତଳେ ଗୁଣପୁର ପୋଷ୍ଟ ଅଫିସରେ ସଂରକ୍ଷଣ ଟିକେଟ ବ୍ୟବସ୍ଥା ରହିଥିଲା। ହେଲେ ତାହା ବନ୍ଦ ହେବାପରେଯାତ୍ରୀସମସ୍ୟାଭୋଗୁଛନ୍ତି।

# କରୋନା ପାଇଁ ଯାଞ୍ଚ କଡ଼ାକଡ଼ି



ଦଶମନ୍ତପୁର ସାପ୍ତାହିକ ହାଟରେ ପୋଲିସ ସଚେତନ କରୁଛି ।

ଦଶମନ୍ତପୁର,୨୬।୩ (ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁରସ୍ଥିତ ସାପ୍ତାହିକ ହାଟରେ ଶୁକ୍ରବାର ପୋଲିସ ପକ୍ଷରୁ କରୋନା ନେଇ ଯାଞ୍ଚ କଡ଼ାକଡି କରାଯାଇଛି। ଏଏସ୍‌ଆଇ ବାବୁଲା ପ୍ରଧାନ କର୍ମଚାରୀଙ୍କ ସହ ହାଟରେ ଲୋକଙ୍କୁ ସମଦୂରତା ରଖିବା, ମୁହଁରେ ମାସ୍କ ପରିଧାନ କରିବା ନେଇ ସଚେତନ କରିଥିଲେ। ହାଟ ବ୍ୟବସାୟୀ ଓ ଜନସାଧାରଣ ଯଦି ଏହି ନିୟମକୁ ଉଲ୍ଲଂଘନ କରିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି ଡାକବାଜି ଯନ୍ତ୍ରରେ ପ୍ରଚାର କରାଯାଇଥିଲା। ଯେଉଁ ଗ୍ରାହକ ସମଦୂରତା ରକ୍ଷା କରି ନ ଥିବେ ଏବଂ ମାସ୍କ ପିନ୍ଧି ନ ଥିବେ ସେ କ୍ଷେତ୍ରରେ ଉଭୟ ଦୋକାନୀ ଏବଂ ଗ୍ରାହକଙ୍କଠାରୁ ଜରିମାନା ଆଦାୟ କରାଯିବ ବୋଲି କୁହାଯାଇଥିଲା। ନିୟମ ଉଲ୍ଲଙ୍ଘନ କରିଥିବାରୁ ଶୁକ୍ରବାର ହାଟରୁ କେତେଜଣ ବ୍ୟକ୍ତିଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରାଯାଇଥିବା ଏଏସ୍‌ଆଇ ପ୍ରଧାନ କହିଛନ୍ତି।

# ଅନ୍ତର୍ଜାତୀୟ ପ୍ରତିଯୋଗିତା ପାଇଁ ସହାୟତା ଦାବି

### ଫୁଟସଲ ଖେଳରେ ସଫଳ ୨ ଭାଇ

ଗୁଣପୁର,୨୬।୩(ଡି.ଏନ୍.ଏ.)

ଆନ୍ତର୍ଜାତୀୟ ଫୁଟସଲ ଖେଳରେ ଭାଗନେବେ ରାୟଗଡ଼ା ଜିଲା ଗୁଣପୁରର ଦୁଇ ଭାଇ ଅରୁଣ ଶ୍ରୀରାମ(୧୯) ଏବଂ ହିମାଂଶୁ ଶ୍ରୀରାମ(୧୭)। ରାଜ୍ୟ ଏବଂ ଜାତୀୟ ପରେ ଦୁହେଁ ଆନ୍ତର୍ଜାତୀୟ ସ୍ତରରେ ସ୍ଥାନ ପାଇବାର ସୁଯୋଗ ସୃଷ୍ଟି କରିଛନ୍ତି। ଜୁନ୍‌ରେ ଏସିଆ କପ୍ ପ୍ରତିଯୋଗିତା ହେବାକୁ ଥିବାବେଳେ ଏବେ ଗୁଣପୁର ଗାନ୍ଧୀନଗର ଅଞ୍ଚଳର ଏହି ଦୁଇ ଭାଇଙ୍କ ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଥିବା ସେମାନେ କହିଛନ୍ତି। ଏପରି ପରିସ୍ଥିତିରେ ଦୁଇ ଭାଇ ମା', ବାପାଙ୍କ ସହ ମିଶି ଗୁଣପୁର ଉପଜିଲାପାଳ ସୋନାଲ ଜେନାଙ୍କୁ ଭେଟି ସହାୟତା ନିମନ୍ତେ ଅନୁରୋଧ କରିଛନ୍ତି। ସେହିପରି ସୋମବାର ଦୁଇ ଭାଇ ଜିଲାପାଳ ସରୋଜ କୁମାର ମିଶ୍ରଙ୍କୁ ମଧ୍ୟ ଭେଟି ସହାୟତା ପାଇଁ ଜଣାଇଥିଲେ। ଜିଲାପାଳ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଅରୁଣ କହିଛନ୍ତି। ପରିବାରର ଆର୍ଥିକ ସ୍ଥିତି ଖରାପ ସତ୍ତ୍ୱେ ଦୁଇ ଭାଇ ସଫଳ ହୋଇଛନ୍ତି। ତେବେ ଏସିଆ କପ୍‌ରେ ଭାଗ ନେବାକୁ ହେଲେ ଅଧିକ ଅର୍ଥର ଆବଶ୍ୟକତା ରହିଛି। ଗୁଣପୁର ଭଳି ଆଦିବାସୀ ଅଞ୍ଚଳରୁ ୨ ଖେଳାଳି ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ଖେଳିବାର ସୁଯୋଗ ସୃଷ୍ଟି କରିଥିବାରୁ ସେମାନଙ୍କ ନିକଟକୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି।

# କରୋନା ବିଷୟରେ ସଚେତନ କରିବେ କଳାକାର

### ଟକା ଉପରେ ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ

ରାୟଗଡ଼ା ଅଫିସ,୨୬।୩

କରୋନା ବିଷୟରେ ଲୋକଙ୍କୁ ସଚେତନ କରିବା ନିମନ୍ତେ ଜିଲା ପ୍ରଶାସନ ପକ୍ଷରୁ 'ଟକା ଉପରେ ମଞ୍ଚ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ଏକ ସଚେତନତା ରଥ ବିଭିନ୍ନ ଗାଁ ବୁଲି ଲୋକଙ୍କୁ ସଚେତନ କରିବ। ଜିଲାପାଳ ସରୋଜ କୁମାର ମିଶ୍ର ଶୁକ୍ରବାର ଏହି ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଉପରେ ସ୍ଥାନୀୟ କଳାକାରମାନେ ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ରଚାର କରିବେ। ସଚେତନତା ରଥରେ ସ୍ଥାନୀୟ କଳାକାରମାନେ ବିଭିନ୍ନ ଗାଁକୁ ଯାଇ ନାଚଗୀତ ମାଧ୍ୟମରେ ଲୋକଙ୍କୁ ସଚେତନ କରିବେ। ପ୍ରଥମ ପର୍ଯ୍ୟାୟରେ ରଥ ସପ୍ତାହ ବ୍ୟାପୀ ଜିଲାର ରାୟଗଡ଼ା ଓ କୋଲନରା ବ୍ଲକ୍ ଅଞ୍ଚଳରେ ପରିକ୍ରମା କରିବ। ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଚାଇଲ୍ଡ ଫଣ୍ଡ ଓ ୟୁନିସେଫ୍‌ର ମିଳିତ ଆନୁକୂଲ୍ୟରେ ଏହି ଅଭିଯାନ ଆରମ୍ଭ ହୋଇଛି। ବିଶେଷକରି ନିୟମିତ ହାତଧୁଆ, ମାସ୍କ ଓ ସାନିଟାଇଜର ବ୍ୟବହାର, ସାମାଜିକ ଦୂରତା ରକ୍ଷା, ନିମନ୍ତେ ଲୋକଙ୍କୁ ସଚେତନ କରାଯିବ। ରଥର ଶୁଭାରମ୍ଭ ବେଳେ ଡିଆଇପିଆର୍‌ଓ ବସନ୍ତ ପ୍ରଧାନ, ଜିଲା ସ୍ୱାସ୍ଥ୍ୟ ସଞ୍ଚୟ ଅଧିକାରୀ ଧ୍ରୁବ ଚରଣ ନାୟକ, ଲୋକ ସମ୍ପର୍କ ବିଭାଗର ଗ୍ରନ୍ଥାଗାରିକ ଉମ୍ବରୁଧର ପଣ୍ଡା, ସହାୟକ ରାମଚନ୍ଦ୍ର ପାତ୍ର, ଚାଇଲ୍ଡ ଫଣ୍ଡ ଇଣ୍ଡିଆର ଶକ୍ତିଜିତ ପଟ୍ଟନାୟକ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଡଙ୍ଗରିଆ ମହିଳାମାନେ ନୃତ୍ୟ ମାଧ୍ୟମରେ ସଚେତନ କରୁଛନ୍ତି।

# 'ଯବାନଙ୍କ ସହ ମିଶି ଅଞ୍ଚଳର ବିକାଶ କରନ୍ତୁ'

ଉମରକୋଟ/ଝରିଗାଁ, ୨୬।୩ (ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକରେ କରଲାପଡ଼ା ଗ୍ରାମରେ ସିଆର୍‌ପିଏଫ୍ ଯବାନଙ୍କ ପକ୍ଷରୁ ଲୋକ ସମ୍ପର୍କ ଶିବିର କରାଯାଇଛି। କମାଣ୍ଡାଣ୍ଟ ପ୍ରମୋଦ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ସିଆର୍‌ପିଏଫର୍ ଅଧିକାରୀ ଆଲୋକ ଅବସ୍ତି, ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମିତ୍ରଭାନୁ ମହନ୍ତ, ଇନ୍ସପେକ୍ଟର ଜୟସିଂ ନାୟକ, ପଙ୍କଜ କିଠୋରୀୟ, ପ୍ରଦୀପ ପାଲ, ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦିନେଶ କୁମାର ନାୟକ, ଝରିଗାଁ ଥାନାଧିକାରୀ ଉମେଶ ଚନ୍ଦ୍ର ସାହୁ, ଝରିଗାଁ ସରପଞ୍ଚ ଅଗନ୍ତି ପୂଜାରୀ, ନାଏବ ସରପଞ୍ଚ ଗଜମତି ହରିଜନ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ମାଓବାଦୀଙ୍କ ସହ ନ ମିଶି ଯବାନଙ୍କୁ ସହଯୋଗ କରି ଅଞ୍ଚଳର ବିକାଶରେ ସହଭାଗୀ ହୁଅନ୍ତୁ ବୋଲି ଅତିଥିମାନେ ଆହ୍ୱାନ କରିଥିଲେ। ଶେଷରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ୍ ଓ ଲୋକଙ୍କୁ ଘରୋଇ ଉପକରଣ ବଣ୍ଟନ କରାଯାଇଛି।



ଛାତ୍ରୀଛାତ୍ରଙ୍କୁ ସ୍କୁଲ ବ୍ୟାଗ ଦିଆଯାଉଛି।

# ସମୟ ସ୍ରୋତରେ ହଜିଗଲାଣି ସାଇକେଲ ରିକ୍ସା

### ଅନ୍ୟ ରୋଜଗାର ପନ୍ଥା ଖୋଜୁଛନ୍ତି ଚାଳକ

ଉମରକୋଟ, ୨୬।୩(ସ୍ୱ.ପ୍ର.)

ଏବେ ସମସ୍ତଙ୍କ ପାଖରେ ସମୟର ଯଥେଷ୍ଟ ଅଭାବ। ଲୋକେ ବିଭିନ୍ନ କାମରେ ନିଜକୁ ବ୍ୟସ୍ତ ରଖୁଛନ୍ତି। ସମୟ ସହ ଲୋକଙ୍କ ଖାଦ୍ୟ, ପୋଷାକ ଏପରିକି ଲୋକଙ୍କ ପରିବହନର ମାଧ୍ୟମରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଛି। ସମୟ ସ୍ରୋତରେ ହଜିଯିବାକୁ ବସିଲାଣି ପୁରୁଣା ଦିନର ଅନେକ ଜିନିଷ। ବିଗତ ଦିନରେ ଚାଲୁଥିବା ସାଇକେଲ ରିକ୍ସାର ଚାହିଦା ମଧ୍ୟ ଏବେ ଆଗ ଭଳି ଆଉ ନାହିଁ। ରିକ୍ସାରେ ବସି ଖୋଲା ଆକାଶ ସହ ଶୁଦ୍ଧ ପବନ ମନକୁ କେତେ ଯେ ଆନନ୍ଦ ଦିଏ ତାହା ଅନୁଭବୀ ହିଁ କହିପାରିବ। ଏବେ କିନ୍ତୁ ସେ ସମୟ ଆଉ ନାହିଁ। ରିକ୍ସାର ଚାହିଦା କମିବାରୁ ଚାଳକମାନେ ଅନ୍ୟ ରୋଜଗାର ପନ୍ଥା ଖୋଜିଲେଣି।

ବିଗତ ଦିନରେ ରିକ୍ସା ଚଳାଇ ନିଜ ପରିବାର ଗୁଜୁରାଣ ମେଣ୍ଟାଉଥିଲୁ। ଧୀରେ ଧୀରେ ନୂତନ ଜ୍ଞାନକୌଶଳକୁ ଆଦରି ନେଲେ ସମସ୍ତେ। ଏବେ ଲୋକେ ଗମନାଗମନ ପାଇଁ ଅଟୋ ଉପରେ ବିଶେଷ ନିର୍ଭର କରୁଛନ୍ତି। ରିକ୍ସା ଚଳାଇ ମୁଁ ମୋର ଘର ଚଳାଉଥିଲି। ପ୍ରତିଦିନ ୧୦ ରୁ ୧୫ ଗ୍ରାହକଙ୍କୁ ନେବା ଆଣିବା କରି ଦିନକୁ ୧୫୦ରୁ ୨୦୦ ଟଙ୍କା ରୋଜଗାର କରୁଥିଲି। ଆଜିକାଲି ସମସ୍ତେ ଅଟୋ ଏବଂ ଅନେକ ପ୍ରକାର ଉନ୍ନତ ଗାଡ଼ି ବ୍ୟବହାର କରୁଛନ୍ତି। ସେତେବେଳେ ଆମେ ୨୦ରୁ ୩୦ଜଣ ଚାଳକ ଥିଲୁ। ଏବେ ରିକ୍ସା ନ ଚାଲିବାରୁ କେତେକେ ହୋଟେଲ,ଦୋକାନ,ଏବଂ ଖଲାସି କାମ କରି ଚଳୁଛୁ। ଅନ୍ୟପଟେ ସରକାର ଆମକୁ ୧ଟଙ୍କାରେ ଚାଉଳ ଏବଂ ୬ ମାସକୁ ଥରେ କିରାସିନ ହିଁ ଦେଉଛନ୍ତି। ଆମମାନଙ୍କୁ ରୋଜଗାର ପାଇଁ କିଛି ପ୍ରୋତ୍ସାହାନ ଯୋଗାଇଦେଲେ ଉପକୃତ ହୁଅନ୍ତୁ ବୋଲି ରାମ ହରିଜନ କହିଛନ୍ତି। ରିକ୍ସାରେ ଗନ୍ତବ୍ୟସ୍ଥଳକୁ ଖୁବ୍ କମ୍ ଟଙ୍କାରେ ଯାଇହେଉଥିଲା। ରିକ୍ସା ଆମ ସମସ୍ତଙ୍କ ପ୍ରିୟ ଥିଲା। ଏହା ପ୍ରତ୍ୟେକ କାର୍ଯ୍ୟରେ ବ୍ୟବହାର ହେଉଥିଲା। ଅନେକ ନୂଆ ବୋହୂ ମଧ୍ୟ ସେତେବେଳେ ରିକ୍ସାରେ ବସି ଘରକୁ ଆସିଛନ୍ତି। ଧନୀ,ଗରିବ ସମସ୍ତେ ରିକ୍ସା ବ୍ୟବହାର କରୁଥିଲେ। ପରିବେଶ ବି ପ୍ରଦୂଷଣ ହେଉ ନ ଥିଲା ବୋଲି ବୟସ୍କ ଲୋକମାନେ କହିଛନ୍ତି। ସରକାର ଯଦି ରିକ୍ସାଚାଳକଙ୍କ ପାଇଁ କିଛି ସହାୟତା ବ୍ୟବସ୍ଥା କରନ୍ତେ ତା'ହେଲେ ସେମାନେ ମଧ୍ୟ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



